**The Pioneer**
**30.08.2018**

# 'Let's respect public institutions' norms'

## CUO K'put holds 10th Foundation Day




**PNS ■ KORAPUT**

The Central University of Orissa (CUO), Koraput, celebrated its 10th Foundation Day on Wednesday in its main campus at Sunabeda. VC Prof Sachidananda Mohanty hoisted the university flag and congratulated the university community on the occasion.

Prof PV Krishna Bhatta, newly appointed Chancellor, CUO attended as chief guest while Ambassador Ashok Sajjanhar joined as guest of honour.

VC Prof Mohanty said that norms of public institution should be respected and not flouted.

He elaborated on the idea and purpose of education as he learned from his schooling. He explained the concept of 'Cogito Ergo Sum' (I think, therefore I am) to be the cornerstone of education.

He also stressed on the need for development of women and emancipation f spiritual and intellectual faculties.

Chancellor Prof Bhatta felt that studentship is a wonderful opportunity to gather knowledge and information. The knowledge should be preserved, protected, further enhanced and should be used for noble purpose, he told.

Ambassador Sajjanhar delivered the Foundation Day Lecture which was titled "India and the World". A vote of thanks was presented by Dr Asit Kumar Das, Registrar, CUO.

Among others, Kamala Devi, wife of Chancellor Bhatta, Smita Patnaik, better half of Prof Mohanty, distinguished staff of neighboring organisations like NAD, HAL, Nalco, District Police and officials of the district administration, faculty, staff and students of CUO were present.

# E-Odisha Samachar
## 30.08.2018

# Central University of Orissa Celebrates 10th Foundation Day

eodishasamachar.com/en/central-university-of-orissa-celebrates-10th-foundation-day/

kanungo_bbsr




**Bhubaneswar, 30/8/2018 ( Odisha Samachar )-** The Central University of Orissa, Koraput celebrated its 10th Foundation Day today in its main campus at Sunabeda. Prof. Sachidananda Mohanty, Hon’ble Vice-Chancellor, CUO hoisted the University flag and congratulated the University community on this occasion. The foundation day programme was started by lighting of the lamp. Prof. Sachidananda Mohanty welcomed the distinguished guests of the occasion among whom were Prof. P.V. Krishna Bhatta, newly appointed Hon’ble Chancellor, CUO and Chief Guest and Ambassador Ashok Sajjanhar, the Guest-of-Honour.

In his welcome address, Prof. Sachidananda Mohanty elaborated on the idea and purpose of education as he learned from his schooling. He explained the concept of ‘Cogito Ergo Sum’ (I think, therefore I am) to be the corner stone of education. Education should create individuality critical thinking and power of imagination in human being. He also stressed on the need for development of women and emancipation of spiritual and intellectual faculties. Prof. Mohanty said that norms of public institution should be respected and not flouted. He described the influences of great thinkers of education and institution builders. In this concept he mentioned the names of Mahatma Gandhi, Rabindranath Tagore, Shri Aurobinda and mother and J Krishnamurthy. He concluded by quoting Shri Aurobinda that,

# E-Odisha Samachar
## 30.08.2018





# Day

Central University of Odisha




ODISHA NEWS 6 Views August 29, 2018

Share Share

The Central University of Odisha, Koraput celebrated its 10th Foundation Day today in its main campus at Sunabeda. Prof. Sachidananda Mohanty, Hon'ble Vice-Chancellor, CUO hoisted the University flag and congratulated the University community on this

## NEWSROLL

**AUGUST 29, 2018**
ଅମର ପଟ୍ଟନାୟକଙ୍କୁ , ଧନ୍ୟବାଦ : ନବୀନ

**AUGUST 29, 2018**
କେନ୍ଦ୍ର କର୍ମଚାରୀ ଓ ପେନସନଭୋଗୀଙ୍କ ପାଇଁ ମହଙ୍ଗା ଭତା, ମହଙ୍ଗା ରିଲିଫ ବୃଦ୍ଧି...

# Orissa Diary
## 30.08.2018



# Central University of Odisha Celebrates 10th Foundation Day; students launched protest

August 29, 2018




Report by Nishapati Nayak, Koraput: The Central University of Orissa, Koraput celebrated its 10th Foundation Day today in its main campus at Sunabeda. Prof. Sachidananda Mohanty, Hon'ble Vice-Chancellor, CUO hoisted the University flag and congratulated the University community on this occasion. The foundation day programme was started by lighting of the lamp. Prof. Sachidananda Mohanty welcomed the distinguished guests of the occasion among whom were Prof. P.V. Krishna Bhatta, newly appointed Hon'ble Chancellor, CUO and Chief Guest and Ambassador Ashok Sajjanhar, the Guest-of-Honour.

In his welcome address, Prof. Sachidananda Mohanty elaborated on the idea and purpose of education as he learned from his schooling. He explained the concept of 'Cogito Ergo Sum' (I think, therefore I am) to be the corner stone of education. Education should create individuality critical thinking and power of imagination in human being. He also stressed on the need for development of women and emancipation of spiritual and intellectual faculties. Prof. Mohanty said that norms of public institution should be respected and not flouted. He described the influences of great thinkers of education and institution builders. In this concept he mentioned the names of Mahatma Gandhi, Rabindranath Tagore, Shri Aurobinda and mother and J Krishnamurthy. He concluded by quoting Shri Aurobinda that, 'All learning is lifelong learning'.

Prof. P.V. Krishna Bhatta started his address by declaring that he is not a guest but part of the CUO. He said that it is the students and staff who make a good University and not necessarily ideal conditions. He felt that studentship is a wonderful opportunity to gather knowledge and information. The knowledge should be preserved, protected, further enhanced and should be used for noble purpose. He quoted Oscar Wilde & Beethoven in this context. He emphasized that the tribal values of life should be respected and the students of the CUO should study with a sense of responsibility towards society. He called up the University community to work together to transform CUO into one of the best Universities in coming days.

Ambassador Ashok Sajjanhar delivered the Foundation Day Lecture which was titled, "India and the World". Shri Sajjanhar was India's Ambassador to Kazakhstan, Sweden and Latvia. He has also held important positions in Indian Embassies in Washington, Moscow, Brussels, Geneva, Bangkok, Teheran and Dhaka. He started his lecture by elaborating the perception of India in Abroad. India is held in high esteem for continuing to be a democratic country since Independence in spite of such a huge area, population, diversity and variety in culture and religion. He stated that among great leaders who share this view are former V.S. Presidents Bill Clinton, George W. Bush and Mr. Nazarbei, President of Kazakhstan. He informed that India is in a formidable position and set to become the fifth largest economy in the world surpassing the United Kingdom. He lamented that the Political parties and other vested interests India's unity is being hampered. He analyzed the foreign policy of India and said that in recent times India has been able to use the foreign policy as an integral part of economic growth by roping in new technology and investment from other countries. He felt that India is in good terms with countries like United States, West Asia and South East Asia. He concluded by saying that the manner of India's engagement with other countries is commendable and India is in a win-win situation.

**The Sambad**
**30.08.2018**

## କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

# ବିଶ୍ୱରେ ଚମକୁଛି ଭାରତର ଛବି

କୋରାପୁଟ,୨୯/୮ (ଇମିସ): ସାରା ବିଶ୍ୱରେ ଭାରତର ସମ୍ମାନ ବଢ଼ି ବଢ଼ି ଚାଲିଛି। ବିଭିନ୍ନ କ୍ଷେତ୍ରରେ ଭାରତର ପ୍ରଗତି ହେବା ପରେ ବିଶ୍ୱ ମାନଚିତ୍ରରେ ଭାରତ ଏବେ ଚମକୁଛି ବୋଲି କହିଛନ୍ତି ଅବସରପ୍ରାପ୍ତ ରାଷ୍ଟ୍ରଦୂତ ତଥା କୂଟନୀତିଜ୍ଞ ଅଶୋକ ସଜନହର। କୋରାପୁଟ ସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ପ୍ରତିଷ୍ଠା ଦିବସ ବକ୍ତୃତା ପ୍ରଦାନ କରି ସେ ଦେଶ ବାହାରେ ଭାରତ ପ୍ରତି




ଥିବା ସକାରାତ୍ମକ ଧାରଣା ରହିଥିବା କହିଛନ୍ତି।

ସୁନାବେଡା ସ୍ଥିତ ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସରେ ଆଜି ଏହାର ୧୦ମ ପ୍ରତିଷ୍ଠା ଦିବସ ପାଳନ କରାଯାଇଥିଲା। ଏଥିରେ 'ଭାରତ ଓ ବିଶ୍ୱ' ଶୀର୍ଷକ ପ୍ରତିଷ୍ଠା ଦିବସ ବକ୍ତୃତା ପ୍ରଦାନ କରିଥିଲେ କୂଟନୀତିଜ୍ଞ ତଥା ଅବସରପ୍ରାପ୍ତ ଭାରତୀୟ ବିଦେଶ ସେବା ଅଧିକାରୀ ଅଶୋକ ସଜନହର। ବିଭିନ୍ନ ଦେଶରେ ଭାରତର ରାଷ୍ଟ୍ରଦୂତ ଭାବେ କାର୍ଯ୍ୟ କରିଥିବା ସଜନହର କହିଥିଲେ ଯେ, ସ୍ୱାଧୀନତାର ଦୀର୍ଘ ବର୍ଷ ପରେ ଭିନ୍ନ ଭିନ୍ନ ମତବାଦ ସତ୍ତ୍ୱେ ଭାରତ ଏକ ସଫଳ ଗଣତନ୍ତ୍ର ରାଷ୍ଟ୍ର ଭାବେ ବିଶ୍ୱରେ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ ହୋଇ ରହିଛି। ବ୍ୟାପକ ଭୌଗଳିକ ପରିସୀମା, ବିଶାଳ ଜନସଂଖ୍ୟା, ସାଂସ୍କୃତିକ ବିଭେଦତା ଭାରତକୁ ଅଲଗା କରି ପାରିନି। ତେଣୁ ବହୁ ବିଶ୍ୱର ବହୁ ବିଶିଷ୍ଟ ନେତା ଭାରତକୁ ଏକ ଉଚ୍ଚ ନଜରରେ ଦେଖିଥାନ୍ତି। ଏବେ ଧୀରେ ଧୀରେ ଭାରତ ବିଶ୍ୱରେ ଏକ ବୃହତ ଶକ୍ତିରେ ପରିଣତ ହେବାରେ ଲାଗିଛି। ସେହିପରି ଅର୍ଥନୈତିକ ଦୃଷ୍ଟିରୁ ବିଶ୍ୱର ପଞ୍ଚମ ବୃହତ୍ତମ ରାଷ୍ଟ୍ର ହେବ ଭାରତ। ଭାରତ ଏବେ ଏହାର ବିଦେଶ ନୀତିକୁ ଅର୍ଥନୈତିକ ବିକାଶର ଏକ ଅସ୍ତ୍ର ଭାବେ ବ୍ୟବହାର କରୁଛି। ତେଣୁ ଦେଶର ଭବିଷ୍ୟତ ନେଇ ସକରାତ୍ମକ ଆଶା କରି ହେବା ସଂଯୁକ୍ତ ରାଜ୍ୟ, ପଶ୍ଚିମ ଏସିଆ, ଦକ୍ଷିଣ-ପୂର୍ବ ଏସିଆ ସହ ଭାରତର ସଂପର୍କ ଭଲ ରହିଛି। ଅନ୍ୟ ଦେଶମାନଙ୍କ ସହ ଭାରତର ସଂପର୍କ ପ୍ରଶଂସାଯୋଗ୍ୟ ଓ ଭାରତ ପାଇଁ ଏକ ସକରାତ୍ମକ ବୋଲି କହିଛନ୍ତି ସଜନହର।

ବିଶ୍ୱବିଦ୍ୟାଳୟର କୁଳାଧିପତି ପ୍ରଫେସର ପି.ଭି. କ୍ରିଷ୍ଣା ଭଟ୍ଟ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଛନ୍ତି ଯେ, ଆଦର୍ଶ ପରିବେଶ ନୁହେଁ, ବରଂ ଉତ୍ତମ ଛାତ୍ର ଓ କର୍ମଚାରୀ ଏକ ବିଶ୍ୱବିଦ୍ୟାଳୟର ନାମକୁ ଉଚ୍ଚ କରନ୍ତି। ଜ୍ଞାନ ଓ ତଥ୍ୟ ଆହରଣ ପାଇଁ ଛାତ୍ରଜୀବନ ପ୍ରକୃଷ୍ଟ ସମୟ। ଏହି ଜ୍ଞାନକୁ ସମାଜର ମଙ୍ଗଳ ପାଇଁ ସକରାତ୍ମକ ଦିଗରେ ବିନିଯୋଗ କରିବା ଦରକାର ବୋଲି ସେ କହିଥିଲେ। ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ଏକ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ସେ ସମସ୍ତଙ୍କୁ ଆହ୍ୱାନ ଦେଇଥିଲେ। ପ୍ରାରମ୍ଭରେ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରି ଶିକ୍ଷା ଗ୍ରହଣ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ସେ କହିଥିଲେ, ଶିକ୍ଷା ଏକ ନିରନ୍ତର ପ୍ରକ୍ରିୟା। ଶିକ୍ଷା ମଣିଷକୁ ଚିନ୍ତା ଓ କଳ୍ପନା କରିବାର ଶକ୍ତି ଯୋଗାଇଥାଏ ବୋଲି ସେ କହିଥିଲେ। ଶେଷରେ ବିଶ୍ୱବିଦ୍ୟାଳୟର କୁଳସଚିବ ଡ. ଅସିତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଉତ୍ସବର ବିଶ୍ୱବିଦ୍ୟାଳୟର କର୍ମଚାରୀ, ଛାତ୍ରଛାତ୍ରୀ ଓ ଅତିଥିମାନେ ଉପସ୍ଥିତ ଥିଲେ।

**The Samaja**
**30.08.2018**

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ୧୦ମ ପ୍ରତିଷ୍ଠା ଦିବସ

# 'ମହତ ଉଦ୍ଦେଶ୍ୟ ପାଇଁ ଜ୍ଞାନର ସଂରକ୍ଷଣ ଓ ସମ୍ପ୍ରସାରଣ ଅପରିହାର୍ଯ୍ୟ'




କୋରାପୁଟ,୨୯।୮(ଅଫିସ)- ସମାଜରେ ମହତ କାର୍ଯ୍ୟ କରିବା ପାଇଁ ଜ୍ଞାନର ସୁରକ୍ଷା, ସଂରକ୍ଷଣ ଓ ସମ୍ପ୍ରସାରଣ ଅପରିହାର୍ଯ୍ୟ ବୋଲି କେନ୍ଦ୍ରୀୟ ବିଶ୍ୱ ବିଦ୍ୟାଳୟର କୁଳାଧିପତି ପ୍ରଫେସର ପି.ଭି. କ୍ରିଷ୍ଣା ଭଟ୍ଟା ପ୍ରକାଶ କରିଛନ୍ତି । କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ମୁଖ୍ୟ କ୍ୟାମ୍ପସରେ ଏହାର ୧୦ ପ୍ରତିଷ୍ଠା ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଫେସର ଶ୍ରୀ କ୍ରିଷ୍ଣା ଭଟ୍ଟା ଉପରୋକ୍ତ ମନ୍ତବ୍ୟ ଦେଇ ଏହି ପରିପ୍ରେକ୍ଷୀରେ ଓସ୍କାର ୱିଲଡ଼େ ଓ ବେଥୋଭନଙ୍କ ନାମ ଉଲ୍ଲେଖ କରିଥିଲେ ।  ଛାତ୍ର ଓ କର୍ମଚାରୀ ମିଳିତ ଉଦ୍ୟମରେ ଏକ ଉତ୍ତମ ବିଶ୍ୱବିଦ୍ୟାଳୟ ଗଢିଥାଏ, ଉତ୍ତମ ବାତାବରଣରେ ନୁହେଁ ବୋଲି କହିଥିଲେ । ଛାତ୍ରାବସ୍ଥା ଜ୍ଞାନ ଆହୋରଣ ଓ ସୂଚନା ହାସଲର ଉତ୍ତମ ମାଧ୍ୟମ । ଜନଜାତିଙ୍କ ଜୀବନର ମୂଲ୍ୟବୋଧକୁ ସମ୍ମାନ ଦେଇ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ ସମାଜ ପ୍ରତି ଦାୟିତ୍ୱବୋଧ ରଖି ଅଧ୍ୟୟନ କରିବା ଆବଶ୍ୟକ ବୋଲି କହିଥିଲେ । ତେବେ ଏହି ବିଶ୍ୱବିଦ୍ୟାଳୟର ସମସ୍ତ ଗୋଷ୍ଠୀ ଏକ ହୋଇ ଏହାକୁ ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଭାବେ ଗଢି ତୋଳିବାକୁ ପ୍ରଫେସର ଶ୍ରୀ କ୍ରିଷ୍ଣା ଭଟ୍ଟା ଆହ୍ୱାନ ଦେଇଥିଲେ ।

ଅନ୍ୟତମ ଅତିଥି ଭାବେ ଭାରତର କାଜାକସ୍ତାନ, ସ୍ୱେଡ଼େନ ଏବଂ ଲାଟଭିଆ ଆମ୍ବାସଡ଼ର ଅଶୋକ ସଜ୍ଜନହାର 'ଭାରତ ଏବଂ ବିଶ୍ୱ' ଶୀର୍ଷକ ଉପରେ ଅଭିଭାଷଣ ଦେଇ ଭାରତର ସାଂସ୍କୃତିକ ଓ ଆଞ୍ଚଳିକ ବିଭିନ୍ନତା, ପ୍ରବଳ ଜନସଂଖ୍ୟା ଏବଂ ବିଶାଳ କ୍ଷେତ୍ର ସତ୍ତ୍ୱେ ସ୍ୱାଧୀନତାର ବହୁ ବର୍ଷ ପରେ ବି ଅଖଣ୍ଡତା ଓ ବୃହତ୍ତ ଗଣତନ୍ତ୍ର ପାଇଁ ବିଦେଶରେ ଭାରତର ସ୍ୱତନ୍ତ୍ର ଆଦର ରହିଛି କହିଥିଲେ । ଏ ସଂକ୍ରାନ୍ତରେ ଆମେରିକାର ପୂର୍ବତନ ରାଷ୍ଟ୍ରପତି ବିଲ କ୍ଲିଣ୍ଟନ, ଜର୍ଜ ଡବ୍ଲୁ ବୁସ ଏବଂ କାଜାକିସ୍ତାନର ରାଷ୍ଟ୍ରପତି ନାଜାରବେ ଉଲ୍ଲେଖ କରିଥିବା କହି ଭାରତ ଏକ ଶକ୍ତିଶାଳି ରାଷ୍ଟ୍ର ଭାବେ ପରିଗଣିତ ଏବଂ ୟୁନାଇଟେଡ୍ କିଙ୍ଗଡମ୍‌କୁ ପଛରେ ପକାଇ ଭାରତ ବିଶ୍ୱରେ ପଞ୍ଚମ ବୃହତ୍ତ ଅର୍ଥନୀତି ଆଡ଼କୁ ଅଗ୍ରସର ହେଉଛି କହିଥିଲେ । ସାମ୍ପ୍ରତିକ ପରିସ୍ଥିତିରେ ଭାରତ ବିଦେଶ ନୀତିକୁ ଅର୍ଥନୀତି ବିକାଶରେ ପ୍ରୟୋଗ କରିବା ସହ ନୂତନ ଜ୍ଞାନକୌଶଳ ଓ ବିଦେଶୀ ନିବେଶକୁ ପ୍ରାଧାନ୍ୟ ଦେଉଥିବା ପ୍ରକାଶ କରିଥିଲେ । ତେବେ ରାଜନୀତି ଓ ବ୍ୟକ୍ତିଗତ ସ୍ୱାର୍ଥ ପାଇଁ ଭାରତର ଏକତା ବାଧାପ୍ରାପ୍ତ ହେଉଥିଲେ ହେଁ ଭାରତ ଯେଭଳି ଆଧୁନିକକ ଦୁନିଆ ଆଡ଼କୁ ଅଗ୍ରସର ହେଉଛି ଏବଂ ଅନ୍ୟ ଦେଶ ସହ ଏହାର ସୁସମ୍ପର୍କ ସ୍ଥାପନ ଦେଶକୁ ଉଜ୍ଜ୍ୱଳମୟ ଭବିଷ୍ୟତ ଆଡ଼କୁ ନେଉଛି ବୋଲି ଆଶା ପ୍ରକାଶ କରିଥିଲେ ।କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ସ୍ୱାଗତ ଭାଷଣ ଦେଇ ଛାତ୍ରାବସ୍ଥାରୁ ଜାଣିବାକୁ ପାଇଥିବା ଶିକ୍ଷା ବ୍ୟବସ୍ଥାର ବିଚାର ଓ ଉଦ୍ଦେଶ୍ୟ ଉପରେ କହିଥିଲେ । ପ୍ରଖ୍ୟାତ ଫ୍ରେଞ୍ଚ ଦାର୍ଶନିକଙ୍କ 'କୋଜିଟୋ, ଇର୍ଗୋ ସମ' ଉକ୍ତିର ଉଦାହରଣ ଦେଇ ଏହାହିଁ ଶିକ୍ଷାର ଭିତ୍ତି ହେବା ଆବଶ୍ୟକ ବୋଲି ସେ କହିଥିଲେ । ଏହି ଅବସରରେ ସେ ମହିଳାଙ୍କ ବିକାଶ ସହ ମୁକ୍ତ ଆଧ୍ୟାତ୍ମିକ ଓ ବୌଦ୍ଧିକ ଶିକ୍ଷାଦାନର ବିକାଶ ଉପରେ ଗୁରୁତ୍ୱାରୋପ କରିଥିଲେ । ସରକାରୀ ଶିକ୍ଷାନୁଷ୍ଠାନ ଗୁଡ଼ିକର ମାନ ଦଣ୍ଡ ସମ୍ମାନସ୍ପଦ ହେବା ଆବଶ୍ୟକ ବୋଲି ପ୍ରଫେସର ମହାନ୍ତି କହିଥିଲେ । ଏହି ଅବସରରେ ଶିକ୍ଷା ଓ ଅନୁଷ୍ଠାନ ବିକାଶର ମହାନ ବିଚାରକ ମହାତ୍ମା ଗାନ୍ଧୀ, ରବୀନ୍ଦ୍ରନାଥ ଟାଗୋର, ଶ୍ରୀ ଅରୋବିନ୍ଦ ଏବଂ ଜେ କ୍ରିଷ୍ଣମୂର୍ତ୍ତିଙ୍କ ନାମ ପ୍ରଫେସର ମହାନ୍ତି ଉଲ୍ଲେଖ କରିଥିଲେ ।ସିୟୁଓର ରେଜିଷ୍ଟ୍ରାର ଡଃ ଅସିତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ କୁଳାଧିପତିଙ୍କ ଧର୍ମପତ୍ନୀ କମଳା ଦେବି, କୁଳପତିଙ୍କ ଧର୍ମପତ୍ନୀ ସ୍ମିତା ପଟ୍ଟନାୟକ, ନାଡ଼, ହାଲ, ନାଲକୋ, ଜିଲା ପୁଲିସ, ଜିଲା ପ୍ରଶାସନ, ସ୍ଥାନୀୟ ବୁଦ୍ଧିଜୀବୀ, ସମ୍ବାଦଦାତା, ପ୍ରଫେସର, କର୍ମଚାରୀ ଏବଂ ସିୟୁଓର ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ସିୟୁଓର ଲୋକ ସମ୍ପର୍କ ଅଧିକାରୀ ଡଃ ଫଗୁନାଥ ଭୋଇ ସହଯୋଗ କରିଥିଲେ ।

**The Prameya**

**30.08.2018**

### କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

# 'ସମାଜର ମଙ୍ଗଳରେ ପାଠପଢ଼ାକୁ ବ୍ୟବହାର କର'

କୋରାପୁଟ,୨୯।୮(ଆପ୍ର): ଦଶମ ପ୍ରତିଷ୍ଠା ଦିବସ ପାଳନ କରିଛି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ। ଆଜି ସୁନାବେଡ଼ାଠାରେ ଆୟୋଜିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ନୂତନ କୁଳାଧିପତି ପ୍ରଫେସର ପି.ଭି.କ୍ରିଷ୍ଣଭଟ୍ଟ। ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ ଆମ୍ବସାଡାର ଅଶୋକ ସଜନହାର। ଏଥିରେ ଅଧ୍ୟକ୍ଷତା କରିଥିଲେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି। ପ୍ରଫେସର ମହାନ୍ତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ସେ କହିଥିଲେ, ଶିକ୍ଷା ବ୍ୟକ୍ତିଗତ ଭାବନାର ବିକାଶ କରିବା ସହ ଭାବନା ଶକ୍ତି ବୃଦ୍ଧି କରିଥାଏ। ସେ ମହାତ୍ମାଗାନ୍ଧି, ରବୀନ୍ଦ୍ରନାଥ ଟାଗୋର, ଶ୍ରୀ ଅରବିନ୍ଦ, ଜେ.କ୍ରିଷ୍ଣମୂର୍ତ୍ତି ପ୍ରମୁଖଙ୍କ ଉଦାହରଣ ଦେଇ ସେମାନଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ। ପ୍ରଫେସର ଭଟ୍ଟ କହିଥିଲେ, ସେ ଏଠାକୁ ଅତିଥି ହୋଇ ଆସିନାହାନ୍ତି। ସେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଜଣେ




ସଦସ୍ୟ। ଛାତ୍ରଛାତ୍ରୀ ଏବଂ ଅଧ୍ୟାପକଙ୍କ ମିଳିତ ଉଦ୍ୟମରେ ଗୋଟିଏ ବିଶ୍ୱବିଦ୍ୟାଳୟ ପ୍ରସିଦ୍ଧି ଲାଭ କରେ। ଜ୍ଞାନ ଓ ସୂଚନା ସଂଗ୍ରହ କରିବା ପାଇଁ ଛାତ୍ର ଜୀବନ ପ୍ରକୃଷ୍ଟ ସମୟ। ଏହି ଜ୍ଞାନକୁ ସଂରକ୍ଷଣ ଓ ସୁରକ୍ଷା କରିବା ସହ ସମାଜର ମଙ୍ଗଳ ଦିଗରେ ବ୍ୟବହାର କରିବାକୁ ସେ ପରାମର୍ଶ ଦେଇଥିଲେ। ଏହାସହ ସମସ୍ତେ ମିଳିମିଶି କାମ କରି ଓଡ଼ିଶାର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ଦେଶର ଏକ ଉତ୍ତମ ବିଶ୍ୱବିଦ୍ୟାଳୟ ଭାବେ ଗଢ଼ିତୋଳିବା ପାଇଁ ପରାମର୍ଶ ଦେଇଥିଲେ। ଶ୍ରୀ ସଜନହାର

▸ ପୃଷ୍ଠା-୭

**The Anupam Bharat**
**30.08.2018**

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୧୦ମ ପ୍ରତିଷ୍ଠା ଦିବସ




କୋରାପୁଟ,୨୯।୮ (ଅନୁପମ ମିଡିଆ): ରାଜ୍ୟର କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ୧୦ମ ପ୍ରତିଷ୍ଠା ଦିବସ ସୁନାବେଡା ସ୍ଥିତ ବିଶ୍ୱବିଦ୍ୟାଳୟ ସ୍ଥାୟୀ କ୍ୟାମ୍ପସରେ ଅନୁଷ୍ଠିତ ହୋଇଛି । କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମାରୋହରେ ବିଶ୍ୱବିଦ୍ୟାଳୟର କୁଳାଧିପତି ପି.ଭି.କ୍ରିଷ୍ଣା ଭଟ୍ଟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଆଦିବାସୀ ବହୁଳ ତଥା ଶିକ୍ଷା କ୍ଷେତ୍ରରେ ବହୁ ପଛରେ ଥିବା କେବିକେ ଅଞ୍ଚଳରେ ଶିକ୍ଷାର ବିକାଶ ସହ ଉଚ୍ଚମାନର ଶିକ୍ଷାଦାନ ପାଇଁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ମୁଖ୍ୟ ଅତିଥି ବକ୍ତବ୍ୟ ରଖିଥିଲେ । ଅନ୍ୟତମ ଅତିଥି ଭାବେ ଗ୍ଲୋବାଲ୍ ଷ୍ଟଡଜର ସଭାପତି ଅବସରପ୍ରାପ୍ତ ଭାରତୀୟ ବୈଦେଶିକ ସେବା ଅଧିକାରୀ ଅଶୋକ ସାଜାନହାର ଯୋଗଦେଇ ଇଣ୍ଡିଆ ଏଣ୍ଡ୍ ଦି ୱାରଡ୍ ଶୀର୍ଷକ ଉପରେ ଆଲୋଚନା କରିଥିଲେ । ସେଡ୍ୟୁଲ୍ଡ ଅଞ୍ଚଳର ଛାତ୍ରଛାତ୍ରୀ ମାନଙ୍କୁ ବିଶ୍ୱବିଦ୍ୟାଳୟରେ ପଢିବାର ଅଧିକ ସୁଯୋଗ ଦେବାକୁ ସେମାନଙ୍କୁ ୫ପ୍ରତିଶତ ନମ୍ବର ବୋନସ ଦିଆ ଯାଉଥିବା କୁଳପତି କହିଥିଲେ । ବିଶ୍ୱବିଦ୍ୟାଳକୁ ବିଭିନ୍ନ କ୍ଷେତ୍ରରେ ହାଲ ଏବଂ ନାଲକୋ ସାହାଯ୍ୟ ସହଯୋଗ ଦେଇ ଆସୁଥିବାରୁ କୁଳପତି ଉଭୟ ସଂସ୍ଥାକୁ କୃତଜ୍ଞତା ଜଣାଇବା ସହ ଆସନ୍ତା ଦିନରେ ମଧ୍ୟ ଏପରି ସହଯୋଗ ମିଳିବ ବୋଲି ଆଶା ବ୍ୟକ୍ତ କରିଥିଲେ । ନିକଟ ଭବିଷ୍ୟତରେ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ଜାତୀୟ ଏବଂ ଆନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇବା ପାଇଁ କୁଳପତି ପ୍ରକାଶ କରିଥିଲେ । ଏହି ଅବସରରେ ମୁଖ୍ୟ ଅତିଥି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଦିବସ ଉପଲକ୍ଷେ ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ କରାଯାଇଥିବା ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ପରମ୍ପରା ଅନୁଯାୟୀ ବିଶ୍ୱବିଦ୍ୟାଳୟ ତରଫରୁ ମୁଖ୍ୟ ଅତିଥିଙ୍କୁ ଚାଦର ଏବଂ ଉପଢୌକନ ଦିଆଯାଇ ସମ୍ମାନୀତ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତିଙ୍କ ସମେତ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀ, ଅଧ୍ୟାପକ ଅଧ୍ୟାପିକା ଏବଂ ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ । ଶେଷରେ କୁଳ ସଚିବ ଡଃ.ଅସୀତ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

**The Dharitri**

**30.08.2018**

# କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପାଳିଲା ପ୍ରତିଷ୍ଠା ଦିବସ

କୋରାପୁଟ,୨୯।୮ (ସ୍ୱ.ପ୍ର.)

କୋରାପୁଟ ସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟରେ ବୁଧବାର ଏହାର ଦଶମ ପ୍ରତିଷ୍ଠା ଦିବସ ପାଳିତ ହୋଇଛି। ଏହି ଅବସରରେ କୁଳପତି ପ୍ରଫେସର ସଚ୍ଚିଦାନନ୍ଦ ମହାନ୍ତି ଅନୁଷ୍ଠାନର ପତାକା ଉତ୍ତୋଳନ କରିଥିଲେ। ବିଶ୍ୱବିଦ୍ୟାଳୟର ଚାନସେଲର ପି.ଭି. କ୍ରିଷ୍ଣା ଭଟ୍ଟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିଲେ। 'ଇଣ୍ଡିଆ ଆଣ୍ଡ ଦି ୱାର୍ଲ୍ଡ' ଶୀର୍ଷକ ବକ୍ତବ୍ୟରେ ସେ କହିଥିଲେ ଯେ, ଆଦିବାସୀ ଅଞ୍ଚଳରେ ଏହି ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଯୋଗୁଁ ଅଞ୍ଚଳର ଛାତ୍ରଛାତ୍ରୀମାନେ ସହଜରେ ଉଚ୍ଚଶିକ୍ଷା ପାଇପାରୁଛନ୍ତି। ସମ୍ମାନିତ ଅତିଥି ଭାବେ ଭାରତର ପୂର୍ବତନ ରାଷ୍ଟ୍ରଦୂତ ଅଶୋକ ଶଜହାନର ଯୋଗଦେଇ ଏହି ଶୀର୍ଷକ ଉପରେ ନିଜର ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମରେ ବିଶ୍ୱବିଦ୍ୟାଳୟର ରେଜିଷ୍ଟ୍ରାରଙ୍କ ସମେତ ପ୍ରଫେସର ଭବାନି ପ୍ରସାଦ ରଥ, ଡିନ ଏକାଡେମୀ ପ୍ରଫେସର କିଶୋର ଚନ୍ଦ୍ର ରାଉତ, ଜୈବ ବିବିଧତା ବିଭାଗର ଡ. ଶରତ କୁମାର ପାଲିତା ବକ୍ତବ୍ୟ ରଖି କହିଥିଲେ ଯେ, ଗତ ୯ ବର୍ଷରେ ଏହି ଅନୁଷ୍ଠାନର ବିଭିନ୍ନ ଦିଗରେ ବିକାଶ ଘଟି ଏହାକୁ ଏବେ ଏକ ପୂର୍ଣ୍ଣାଙ୍ଗ ବିଶ୍ୱବିଦ୍ୟାଳୟରେ ପରିଣତ କରିପାରିଛି। ବର୍ତ୍ତମାନ ଛାତ୍ରଛାତ୍ରୀଙ୍କ ପାଇଁ ହଷ୍ଟେଲ, ଅତିଥି ଗୃହ, ବିଦ୍ୟୁତ, ମାର୍କେଟ କମ୍ପ୍ଲେକ୍ସ, ଗ୍ରନ୍ଥାଳୟ, ଏନ୍ଏସ୍ଏସ୍ ସେଲ, ନାକ୍ ସେଲ କରାଯାଇ ବିଶ୍ୱବିଦ୍ୟାଳୟକୁ ଅଧିକ ସୁଦୃଢ଼ କରାଯାଇପାରିଛି। ସେହିପରି ବିଶ୍ୱବିଦ୍ୟାଳୟ ପକ୍ଷରୁ ପାରିପାର୍ଶ୍ୱିକ ୫ଟି ଗ୍ରାମକୁ ପୋଷ୍ୟଗ୍ରାମ ଭାବେ ଗ୍ରହଣ କରାଯାଇ ସେଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ ସହ ସାମଗ୍ରିକ ଉନ୍ନତି ଲକ୍ଷ୍ୟ ରଖାଯାଇଛି। ବିଶ୍ୱବିଦ୍ୟାଳୟର ଲୋକ ସମ୍ପର୍କ ଅଧିକାରୀ ଡ. ଫଗୁନାଥ ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥିମାନେ।